

# ମହିଳା ଏବଂ ଶିଶୁ ଅପରାଧର ଅନୁସନ୍ଧାନ ମାର୍ଗଦର୍ଶିକା

ମହିଳା ଓ ଶିଶୁ ଡେସ୍କ ପାଇଁ ଏକ ସହାୟକ ପୁସ୍ତିକା

Women and Child Development Department

unicef
for every child

**CRIME AGAINST WOMEN AND CHILDREN WING**
**BHUBANESWAR, ODISHA**

Published by :

**Crime Against Women and Children Wing, CID CB, Bhubaneswar.**

Any part of this book may be reproduced with appropriate acknowledgement. Permission to translate all or of any part of this book must be obtained from : CAW&CW, SFSL Campus, Rasulgarh, Bhubaneswar-751010, ODISHA

| | | |
|---|---|---|
| Content Inspired by | : | Urja document of Madhya Pradesh Police |
| Supported by | : | UNICEF India |
| Transcripted by | : | Aide et Action India |
| Cover Picture & Design by | : | Srikanta Ku. Behuria sbehuria321@gmail.com |

# ମହିଳା ଏବଂ ଶିଶୁ ଅପରାଧର ଅନୁସନ୍ଧାନ ମାର୍ଗଦର୍ଶିକା

ମହିଳା ଓ ଶିଶୁ ଡେସ୍କ ପାଇଁ ଏକ ସହାୟକ ପୁସ୍ତିକା



Women and Child Development Department

unicef for every child

**CRIME AGAINST WOMEN AND CHILDREN WING**
**BHUBANESWAR, ODISHA**

# ସୂଚୀପତ୍ର


ପୋଲିସ୍ ମହାନିର୍ଦ୍ଦେଶକ ଙ୍କ ବାର୍ତ୍ତା ୦୩
ମହିଳା ଓ ଶିଶୁ ବିକାଶ ବିଭାଗ ସଚିବ ଙ୍କ ବାର୍ତ୍ତା ୦୪
ଅତିରିକ୍ତ ପୋଲିସ୍ ମହାନିର୍ଦ୍ଦେଶକ ଙ୍କ ବାର୍ତ୍ତା ୦୫
ଶିଶୁ ସୁରକ୍ଷା ବିଶେଷଜ୍ଞ, ୟୁନିସେଫ୍ ଙ୍କ ବାର୍ତ୍ତା ୦୬
ପ୍ରାକକଥନ ୦୭

**ବିଷୟବସ୍ତୁ :** ମୋ ସହ ଘଟୁଥିବା ବିଭିନ୍ନ ଅପରାଧରେ ଆଗକୁ କ'ଣ ?

୧. ଘରୋଇ ହିଂସା ୧୦
୨. ଯୌତୁକ ନିର୍ଯାତନା ଏବଂ ଅପମୃତ୍ୟୁ ୧୪
୩. ନାବାଳିକା ପ୍ରତି ଦୁଷ୍କର୍ମ ୧୬
୪. ମହିଳାଙ୍କ ପ୍ରତି ଦୁଷ୍କର୍ମ ୧୭
୫. ଦୁଷ୍କର୍ମ ପୀଡ଼ିତା ଗର୍ଭବତୀ କ୍ଷେତ୍ରରେ ୧୮
୬. ଉତ୍ପୀଡ଼ନ କ୍ଷେତ୍ରରେ ୧୯
୭. ସାଇବର ଅପରାଧ ୨୦
୮. ଶିଶୁ ଅପହରଣ ୨୧
୯. ମାନବ ଚାଲାଣ ୨୨
୧୦. ଏସିଡ ଆକ୍ରମଣ ୨୪
୧୧. ବାଲ୍ୟ ବିବାହ ୨୫
୧୨. ତନ୍ତ୍ର ମନ୍ତ୍ର ଯୋଗୁଁ ଅପରାଧ ୨୬

ଡାଏରେକ୍ଟରୀ ୨୭

# ବାର୍ତ୍ତା



**ସୁନୀଲ କୁମାର ବଂଶଲ, ଭାପୁସେ**
ପୋଲିସ ମହା ନିର୍ଦ୍ଦେଶକ
ଓଡ଼ିଶା ସରକାର

ମହିଳା ଓ ଶିଶୁଙ୍କ ପ୍ରତି ହେଉଥିବା ହିଂସାକୁ ପ୍ରତିହତ କରିବା ପାଇଁ ଓଡ଼ିଶା ବହୁମୁଖୀ ରଣନୀତି ଆପଣେଇଛି ଏବଂ ମହିଳାଙ୍କର ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି ।

ଯେଉଁଠି ବିଚାର ବିଭାଗ ହିଂସାକୁ ମୁକାବିଲା କରିବାକୁ ଦୋଷୀ ପାଇଁ ଦଣ୍ଡ ବ୍ୟବସ୍ଥାକୁ ସୁନିଶ୍ଚିତ କରୁଛି, ସେଇଠି ପୋଲିସର ଦାୟିତ୍ୱ ହେଉଛି ଆଇନକୁ ଠିକ୍ ଭାବରେ ପ୍ରଚଳନ କରାଇ ହିଂସା ପୀଡ଼ିତଙ୍କୁ ସାହାଯ୍ୟ ସହଯୋଗ ଓ ସଶକ୍ତ କରାଇବା । ମହିଳା ଓ ଶିଶୁ ହେଲ୍ପ ଡେସ୍କ ପ୍ରତିଷ୍ଠାର ଉଦ୍ଦେଶ୍ୟ ହେଉଛି, ପୀଡ଼ିତ ମହିଳା ଓ ଶିଶୁଙ୍କୁ ସାହାଯ୍ୟ ସହଯୋଗ କରିବା, ସମ୍ବେଦନଶୀଳତା ଦେଖାଇବା ଓ ତାଙ୍କୁ ଥାନା ପରିବେଶରେ ସହଜ କରାଇବା ସହ ନ୍ୟାୟ ପାଇବା ପାଇଁ ତାଙ୍କର ଆତ୍ମବିଶ୍ୱାସ ବଢ଼ାଇବା ।

ଏହି ମାର୍ଗଦର୍ଶିକା ପୁସ୍ତିକାଟି ଉପଭୋକ୍ତା ଅନୁକୂଳ ଓ ହେଲ୍ପ ଡେସ୍କ ଅଧିକାରୀଙ୍କ ପାଇଁ ସାହାଯ୍ୟକାରୀ ଅଟେ । ଏହି ପୁସ୍ତିକାରେ ମହିଳା ଓ ଶିଶୁଙ୍କ ପ୍ରତି ହେଉଥିବା ବିଭିନ୍ନ ପ୍ରକାର ଅପରାଧର ତଦନ୍ତ ପ୍ରକ୍ରିୟା ଓ ପୀଡ଼ିତଙ୍କ ପାଇଁ ଥିବା ବିଭିନ୍ନ ବିଧି ବ୍ୟବସ୍ଥା ଓ ସହାୟତା ବ୍ୟବସ୍ଥା ରହିଛି ।

ମୁଁ ଆଶା କରୁଛି ଯେ ମହିଳା ଓ ଶିଶୁ ଡେସ୍କର ଅଧିକାରୀମାନେ ଏହି ମାର୍ଗଦର୍ଶିକାକୁ ଅନୁସରଣ କରି ନିଜର ଜ୍ଞାନ ବଢ଼ାଇବା ସହ ଥାନାକୁ ଆସୁଥିବା ପୀଡ଼ିତା ମହିଳା ଓ ଶିଶୁଙ୍କୁ ସଠିକ ମାର୍ଗଦର୍ଶନ ଦେବାରେ ସହାୟକ ହେବେ ।

# ବାର୍ତ୍ତା



**ଶ୍ରୀ ଭାସ୍କର ଜ୍ୟୋତି ଶର୍ମା,** ଭା.ପ୍ର.ସେ
ସଚିବ, ମହିଳା ଓ ଶିଶୁ ବିକାଶ ବିଭାଗ
ଓଡ଼ିଶା ସରକାର

'ମହିଳା ଓ ଶିଶୁ ଡେସ୍କ' ମହିଳା ଓ ଶିଶୁ ବିଭାଗ ବିଭାଗ ଏବଂ ଗୃହ ବିଭାଗର ଏକ ସମନ୍ୱିତ ଆଭିମୁଖ୍ୟ । ଏହାକୁ ସୁଗମ କରିବା ଦିଗରେ ମହିଳା ଓ ଶିଶୁ ଡେସ୍କ ଏକ ପରିଭାଷିତ ଢାଞ୍ଚା, ଯାହାକି ମହିଳା ଏବଂ ଶିଶୁମାନଙ୍କୁ ସୁରକ୍ଷିତ ରଖିବା, ଆଇନ ପ୍ରଣୟନକୁ ଦୃଢ଼ୀଭୂତ କରିବା ଏବଂ ମହିଳା ଏବଂ ଶିଶୁଙ୍କ ବିରୋଧରେ ହେଉଥିବା ଅପରାଧକୁ ହ୍ରାସ କରିବା ଦିଗରେ ଏକ ସୁଚିନ୍ତିତ ପ୍ରୟାସ । ମହିଳା ଏବଂ ଶିଶୁଙ୍କ ପ୍ରତି ହେଉଥିବା ହିଂସା ସେମାନଙ୍କର ସମ୍ମାନ ଏବଂ ଜୀବନ ପ୍ରତି ଏକ ଗୁରୁତର ଉଲ୍ଲଂଘନ ତଥା ଏକ ସାମାଜିକ ଓ ଆର୍ଥିକ ପ୍ରସଙ୍ଗ ଅଟେ । ମହିଳା ଓ ଶିଶୁ ବିକାଶ ବିଭାଗ ସମେତ ବିଭିନ୍ନ ବିଭାଗ ଏବଂ ଅନ୍ୟାନ୍ୟ ପଦାଧିକାରୀମାନେ ମହିଳା ଏବଂ ଶିଶୁମାନଙ୍କ ସମସ୍ୟାକୁ ଚିହ୍ନଟ କରି ତଦନୁଯାୟୀ ପରିସ୍ଥିତିକୁ ସୁଦୃଢ଼ କରିବା ନିମନ୍ତେ ରାଜ୍ୟ ସରକାର ମହିଳା ଓ ଶିଶୁମାନଙ୍କୁ ସୁରକ୍ଷା ଯୋଗାଇବା ପାଇଁ ନିରନ୍ତର ଉଦ୍ୟମ କରୁଛନ୍ତି ।

ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଗୃହ ବିଭାଗର ମିଳିତ ଉଦ୍ୟମରେ ମହିଳା ଓ ଶିଶୁ ଡେସ୍କରେ ନିଯୁକ୍ତ ଅଧିକାରୀଙ୍କ ସଚେତନତା ଓ ଦକ୍ଷତା ବୃଦ୍ଧି କରାଯାଉଛି । ମହିଳା ଓ ଶିଶୁ ଡେସ୍କର ଫଳପ୍ରଦ କାର୍ଯ୍ୟାନ୍ୱୟନ ମହିଳା ଓ ଶିଶୁମାନଙ୍କର ଆଇନଗତ ବାଧ୍ୟତାମୂଳକ ଆବଶ୍ୟକତାକୁ ପୂରଣ କରିବ ଏବଂ ପୋଲିସ୍ ଷ୍ଟେସନରେ ବନ୍ଧୁତ୍ୱପୂର୍ଣ୍ଣ ପରିବେଶରେ ମହିଳା ଏବଂ ଶିଶୁଙ୍କ ଭାବନାକୁ ରକ୍ଷା କରିବ ।

ମହିଳା ଏବଂ ଶିଶୁ ତଥା ସର୍ବୋପରି ସାଧାରଣ ଜନତାଙ୍କୁ ଦିଆଯାଉଥିବା ସେବାରେ ଏକ ମହତ୍ତ୍ୱପୂର୍ଣ୍ଣ ଉନ୍ନତି ଆଣିବାରେ ଏହି ହ୍ୟାଣ୍ଡବୁକ୍‌ରେ ସର୍ବୋଚ୍ଚ ବ୍ୟବହାର ହୋଇପାରିବ ।

ଆଶା କରୁଛି ଏହି ପୁସ୍ତିକା ସମସ୍ତ ହିତାଧିକାରୀଙ୍କ ପାଇଁ ବହୁତ ଉପଯୋଗୀ ହେବ ।

# ବାର୍ତ୍ତା

ମହିଳା ଓ ଶିଶୁଙ୍କ ବିରୁଦ୍ଧରେ ହିଂସା ଏକ ମହାମାରୀ ସଦୃଶ । ଏହି ଲିଙ୍ଗଭିତ୍ତିକ ହିଂସା ମହିଳା ଓ ଶିଶୁଙ୍କ ମାନବିକ ଅଧିକାରକୁ କ୍ଷୁର୍ଣ୍ଣ କରୁଛି ଏବଂ ସେମାନଙ୍କର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ ମଧ୍ୟ ପ୍ରଭାବିତ କରୁଛି । କୌଣସି ସ୍ଥାନ, ଧର୍ମ, ସଂସ୍କୃତି, ଶିକ୍ଷାଗତ ଯୋଗ୍ୟତା, ଆର୍ଥିକ ଅବସ୍ଥା ବା ସାମାଜିକ ସ୍ୱୀକୃତି ନିର୍ବିଶେଷରେ ସେମାନଙ୍କ ବିରୁଦ୍ଧରେ ବିଭିନ୍ନ ପ୍ରକାରର ହିଂସା ସଙ୍ଗଠିତ ହେଉଛି, ଯାହାକି ଏକ ବିଶ୍ୱସ୍ତରୀୟ ଚିନ୍ତାର ବିଷୟ । ତେଣୁ ରାଜ୍ୟ ସରକାରଙ୍କ ଦ୍ୱାରା ଗୃହ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ ଓ ଅନ୍ୟାନ୍ୟ ବିଭାଗର ସହାୟତାରେ ମହିଳା ଓ ଶିଶୁଙ୍କ ବିରୁଦ୍ଧରେ ହିଂସାକୁ ରୋକିବାକୁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ରାଜ୍ୟରେ 2005 ମସିହାରୁ ମହିଳା ଓ ଶିଶୁ ଡେସ୍କ ଖୋଲାଯାଇଛି ଓ ବର୍ତ୍ତମାନ 608 ସଂଖ୍ୟକ ମହିଳା ଓ ଶିଶୁ ଡେସ୍କ କାର୍ଯ୍ୟକ୍ଷମ ଅଛି । ଥାନାରେ ମହିଳା ଓ ଶିଶୁ ଡେସ୍କରେ ଜଣେ ସବ୍ ଇନ୍ସପେକ୍ଟର / ଆସିଷ୍ଟାଣ୍ଟ ଇନ୍ସପେକ୍ଟର ନିଯୁକ୍ତ ଅଛନ୍ତି । ଏହି ଡେସ୍କର ପ୍ରାଥମିକ ଉଦ୍ଦେଶ୍ୟ, ଥାନାକୁ ଆସୁଥିବା ପୀଡ଼ିତା ମହିଳା ଓ ଶିଶୁଙ୍କୁ ଉପଯୁକ୍ତ ପରିବେଶରେ ସହଜ କରାଇବା ଓ ତାଙ୍କ ପ୍ରତି ହୋଇଥିବା ହିଂସାର ଅଭିଯୋଗକୁ ଶୁଣି ବୁଝି ସମ୍ବେଦନଶୀଳ ହୋଇ ତାଙ୍କପାଇଁ ଥିବା ବିଭିନ୍ନ ବିଧିବ୍ୟବସ୍ଥାକୁ ବୁଝାଇବା ଏବଂ ତାଙ୍କ ପାଇଁ ଉପଲବ୍ଧ ଥିବା ସମସ୍ତ ସହାୟତା ବିଷୟରେ ତାଙ୍କୁ ଅବଗତ କରାଇବା ଏହି ଡେସ୍କର ମୂଳ ଲକ୍ଷ୍ୟ ।

ମହିଳା ଓ ଶିଶୁ ଡେସ୍କରେ କାର୍ଯ୍ୟ କରୁଥିବା ସମସ୍ତ ପୋଲିସ୍ ଅଧିକାରୀ ଓ ଥାନାକୁ ଆସୁଥିବା ପ୍ରତ୍ୟେକ ମହିଳା ଓ ଶିଶୁଙ୍କୁ ଆଇନ ଦ୍ୱାରା ଏବଂ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସମସ୍ତ ବିଧିବ୍ୟବସ୍ଥା, ସହାୟତା, ମୌଳିକ ସେବା, ଅନୁସନ୍ଧାନ ପଦ୍ଧତି, କ୍ଷିପ୍ର ନ୍ୟାୟିକ ପ୍ରକ୍ରିୟା ଇତ୍ୟାଦି ବିଷୟରେ ସଶକ୍ତ କରାଇବା ଏହି ମାର୍ଗଦର୍ଶିକାର ଅନ୍ୟ ଏକ ପ୍ରମୁଖ ଉଦ୍ଦେଶ୍ୟ ଅଟେ ।

ରାଜ୍ୟ ସରକାରଙ୍କର ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ୟୁନିସେଫ୍‌ଙ୍କ ସହଯୋଗରେ ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା, ଭୁବନେଶ୍ୱରଙ୍କ ଉଦ୍ୟମରେ ବିକଶିତ ଏହି ମାର୍ଗଦର୍ଶିକା ପୁସ୍ତିକା ରାଜ୍ୟର ଜନସାଧାରଣ, ମହିଳା ଓ ଶିଶୁ ଡେସ୍କର ଅଧିକାରୀ ଏବଂ ସମସ୍ତ ମହିଳା ଓ ଶିଶୁଙ୍କ ପାଇଁ ଅତ୍ୟନ୍ତ ଉପାଦେୟ ସାବ୍ୟସ୍ତ ହେବ ।



**ରେଖା ଲୋହାନି, ଭାପୁସେ**
ଅତିରିକ୍ତ ପୋଲିସ ମହା ନିର୍ଦ୍ଦେଶକ
ମହିଳା ଏବଂ ଶିଶୁ ଅପରାଧ ନିରାକରଣ ଶାଖା
ଭୁବନେଶ୍ୱର

# ବାର୍ତ୍ତା

ମହିଳା ଓ ଶିଶୁଙ୍କ ଉପରେ ହେଉଥିବା ହିଂସା ଏବଂ ସେମାନଙ୍କ ଅଧିକାରର ଅପବ୍ୟବହାର କେବଳ ସେମାନଙ୍କୁ କ୍ଷତି ପହଞ୍ଚାଇ ନଥାଏ ବରଂ ସମାଜର ସମ୍ମାନ ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଥାଏ । ମହିଳା ଓ ଶିଶୁଙ୍କ ଉପରେ ହେଉଥିବା ହିଂସାକୁ ପ୍ରତିହତ କରିବାପାଇଁ ୟୁନିସେଫ ପ୍ରତିଶ୍ରୁତିବଦ୍ଧ । ଏଥିପାଇଁ ୟୁନିସେଫ ଓଡ଼ିଶା ପୋଲିସର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖାକୁ ସମସ୍ତ ପ୍ରକାରର ବୈଷୟିକ ସହାୟତ ଯୋଗାଇ ଦେଉଛି । ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା ଏ ଦିଗରେ ପ୍ରଶଂସନୀୟ କାର୍ଯ୍ୟ କରୁଅଛି ।

ଏହି ମହିଳା ଓ ଶିଶୁ ଅପରାଧର ଅନୁସନ୍ଧାନ ମାର୍ଗଦର୍ଶିକା ଯେଉଁଥିରେ ମହିଳା ଓ ଶିଶୁମାନଙ୍କ ଉପରେ ହେଉଥିବା ଅପରାଧର ଅଭିଯୋଗ ପରିପ୍ରେକ୍ଷୀରେ ପୀଡ଼ିତ ପୀଡ଼ିତାମାନଙ୍କର ବିଭିନ୍ନ ଅଧିକାର ଏବଂ ପାଇବାକୁ ଥିବା ସୁବିଧା ସୁଯୋଗ ଉଲ୍ଲେଖିତ ରହିଛି । ଏହା ସେମାନଙ୍କୁ ସଶକ୍ତ କରିବାକୁ ସାହାଯ୍ୟ କରିବ । ତେଣୁ ମୁଁ ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖାକୁ ଅଭିନନ୍ଦନ ଜଣାଉଛି ।

ଏହି ମାର୍ଗଦର୍ଶିକା ମହିଳା ଓ ଶିଶୁ ହେଲ୍ପଡେସ୍କର ଅଧିକାରୀମାନଙ୍କୁ ସାହାଯ୍ୟ ପାଇଁ ଆସୁଥିବା ମହିଳା ଏବଂ ଶିଶୁମାନେ ପ୍ରଭାବଶାଳୀ ଭାବରେ ସହଯୋଗର ହାତ ବଢ଼େଇବା ସହ ସେମାନେ ଯେପରି ସହଜ ଅନୁଭବ କରିବେ ଏବଂ ଭୟଭୀତ ହେବେ ନାହିଁ ତାହା ନିଶ୍ଚିତ କରିବ ସେଥିରେ ସନ୍ଦେହ ନାହିଁ । ଏହି ମାର୍ଗଦର୍ଶିକା ଦ୍ୱାରା ମହିଳା ଓ ଶିଶୁ ହେଲ୍ପଡେସ୍କର ନୂତନତ୍ୱକୁ ଆହୁରି ମଜବୁତ କରାଯାଉଛି, ଯାହା ମହିଳା ଏବଂ ଶିଶୁଙ୍କ ଉପରେ ହୋଇଥିବା ଅପରାଧର ଯାଂଚ ପାଇଁ ପ୍ରସ୍ତୁତ ପଥ ପଦର୍ଶକ ଅଟେ । ଏହାର ଅର୍ଥ ହେଉଛି ବୈଷୟିକ ଜ୍ଞାନ ସହିତ ଅଧିକାରୀମାନେ ଅପରାଧିକ ନ୍ୟାୟ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ଏବଂ ମହିଳା ଏବଂ ଶିଶୁମାନଙ୍କୁ ମଧ୍ୟ ସମର୍ଥନ କରିବେ, ଯାହାଦ୍ୱାରା ମହିଳା ଓ ଶିଶୁ ଉତ୍ପୀଡ଼ନକୁ ରୋଗା ଯାଇପାରିବ । ଆମେ ଏହି ପୁସ୍ତିକାର ବିଷୟବସ୍ତୁକୁ ଅତ୍ୟଧିକ ସୁପାରିଶ କରୁଛୁ ଏବଂ ଏହାର ବ୍ୟାପକ ବ୍ୟବହାର ପାଇଁ ଇଚ୍ଛା କରୁଛୁ ।



**ନେହା ନାଇଡୁ**
ଶିଶୁ ସୁରକ୍ଷା ବିଶେଷଜ୍ଞ
ୟୁନିସେଫ୍ ଓଡ଼ିଶା ସରକାର

# ମହିଳା ଏବଂ ଶିଶୁ ହେଲ୍ପଡେସ୍କ

ଓଡିଶା ସରକାର ମହିଳା ଓ ଶିଶୁଙ୍କ ଉପରେ ହେଉଥିବା ଅପରାଧର ମୁକାବିଲା ପାଇଁ ରାଜ୍ୟର ସମସ୍ତ ପୋଲିସ ଷ୍ଟେସନରେ ମହିଳା ଏବଂ ଶିଶୁ ହେଲ୍ପଡେସ୍କ ସ୍ଥାପନ କରିଛନ୍ତି । ଜିଲ୍ଲାର ଅରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶରେ ପ୍ରତ୍ୟେକ ଥାନାର ଜଣେ ମହିଳା ସବ୍‌ଇନ୍ସପେକ୍ଟର ବା ଆସିଷ୍ଟାଂଟ ସବ୍-ଇନ୍ସପେକ୍ଟର ପାହ୍ୟାର ପୋଲିସ୍ ଅଧିକାରୀ ଏହି ଡେସ୍କର ଦାୟିତ୍ୱରେ ରହନ୍ତି। ମହିଳା ଏବଂ ଶିଶୁମାନଙ୍କ ଉପରେ ଅପରାଧ ପ୍ରତି ସମନ୍ୱିତ ତଥା ପ୍ରଭାବଶାଳୀ ଆଭିମୁଖ୍ୟକୁ ସୁଗମ କରିବାପାଇଁ ଏହି ଡେସ୍କ କାର୍ଯ୍ୟ କରୁଛି। ଡେସ୍କର ପ୍ରାଥମିକ ଭୂମିକା ହେଉଛି ପୀଡିତ ମହିଳା ଏବଂ ଶିଶୁମାନଙ୍କ ସମ୍ବନ୍ଧୀୟ ସମସ୍ତ ଅଭିଯୋଗ ଗ୍ରହଣ କରିବା, ସହାନୁଭୂତିର ସହିତ ସେମାନଙ୍କ ଅଭିଯୋଗ ଶୁଣିବା ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନକୁ ନିଶ୍ଚିତ କରିବା।

**ଉଦ୍ଦେଶ୍ୟ:**

- ମହିଳା ଏବଂ ଶିଶୁମାନଙ୍କ ସହିତ ପ୍ରଥମ ସମ୍ପର୍କ ସ୍ଥାପନ କରିବା ଯାହା ତାଙ୍କୁ ସହଜ ଅନୁଭବ କରାଇବ।
- ପୋଲିସ ଷ୍ଟେସନକୁ ଆସୁଥିବା ମହିଳା ଏବଂ ଶିଶୁମାନଙ୍କୁ ଏକ ବନ୍ଧୁତ୍ୱପୂର୍ଣ୍ଣ ଏବଂ ଆନ୍ତରିକତା ପୂର୍ଣ୍ଣ ବାତାବରଣ ଯୋଗାଇବା।
- ମହିଳା ଏବଂ ଶିଶୁମାନଙ୍କର ଆତ୍ମବିଶ୍ୱାସ ଅର୍ଜନ କରିବା ଯାହାଦ୍ୱାରା ସେମାନେ ବିନା କୌଣସି ଭୟ କିମ୍ବା ଦ୍ୱିଧାରେ ନିଜକୁ ପ୍ରକାଶ କରିପାରିବେ।
- ପୋଲିସ ପ୍ରକ୍ରିୟା ସହିତ ଶିଶୁ ଏବଂ ମହିଳା ପୀଡିତାଙ୍କୁ ପରିଚିତ କରାଇବା ଏବଂ ସେମାନଙ୍କୁ ମାନକୀକୃତ ସେବା ଯୋଗାଇବା।
- ବିପଦପୂର୍ଣ୍ଣ ପରିସ୍ଥିତିର ପ୍ରତିକ୍ରିୟା ପାଇଁ କାର୍ଯ୍ୟ କରିବାରେ ସମୟର ହ୍ରାସ।

**ଦାୟିତ୍ୱ:**

- ଶିଶୁ / ମହିଳାଙ୍କ ଅଭିଯୋଗଗୁଡିକୁ ସହାନୁଭୂତିର ସହ ଶୁଣିବା ଏବଂ ଦାୟିତ୍ୱରେ ଥିବା ଅଧିକାରୀଙ୍କ ମାଧମରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ସମ୍ପୃକ୍ତ ବିଭାଗ ଗୁଡ଼ିକ ସହିତ ସମନ୍ୱୟ ରକ୍ଷା କରିବା।
- ମହିଳା ଏବଂ ଶିଶୁଙ୍କ ବିରୁଦ୍ଧରେ ଥିବା ଅପରାଧ ଅନୁସନ୍ଧାନ କରୁଥିବା ଅଧିକାରୀ ମାନଙ୍କୁ ସାହାଯ୍ୟ କରିବା ।
- ତଦନ୍ତର ଅଗ୍ରଗତି ବିଷୟରେ ଅଭିଯୋଗକାରୀ ଙ୍କୁ ସୂଚନା ପ୍ରଦାନ କରିବା। କ୍ଷତିପୂରଣ ପାଇବାକୁ ଯୋଗ୍ୟ ଶିଶୁ କିମ୍ବା ମହିଳାମାନଙ୍କୁ ନିମନ୍ତେ ଉଦ୍ଦିଷ୍ଟ ଫର୍ମାଟ୍ ପୂରଣ କିମ୍ବା ଆବେଦନ କରିବା ଏବଂ ଅନ୍ୟାନ୍ୟ ସ୍ଥାନୀୟ ଏଜେନ୍ସି ସହିତ ସମନ୍ୱୟ ରକ୍ଷା କରିବାରେ ସହାୟତା ପ୍ରଦାନ କରିବା ।
- ସମ୍ବେଦନଶୀଳ ଅଂଚଳରେ ଲିଙ୍ଗ ଭିତ୍ତିକ ହିଂସାର ବିରୋଧରେ ଜନ ସଚେତନା ଅଭିଯାନରେ ସକ୍ରିୟ ଭାବେ ନିଜକୁ ଜଡିତ କରିବା ।

**ଆଦର୍ଶ ଆଚରଣ ବିଧି:**

- ସଂପୃକ୍ତ ପୀଡିତଙ୍କ ସହିତ ନିଜକୁ ପରିଚିତ କରାନ୍ତୁ ଏବଂ ତାଙ୍କର ପରିଚୟ ମାଗନ୍ତୁ।
- ପୀଡିତ ଏବଂ ତାଙ୍କ ପରିବାର ନିମନ୍ତେ ବସିବାର ବ୍ୟବସ୍ଥା କରନ୍ତୁ।

- ଯଦି ପୀଡିତ ଏକ ଶିଶୁ କିମ୍ବା ପୀଡିତା ମହିଳାଙ୍କର ସନ୍ତାନ ଅଛି, ତେବେ ଶିଶୁ ଅନୁକୂଳ ସ୍ଥାନରେ ସେମାନଙ୍କର ବସିବା ବ୍ୟବସ୍ଥା କରନ୍ତୁ।
- ନିଶ୍ଚିତ କରନ୍ତୁ ଯେକୌଣସି ସମୟରେ ପୀଡିତାଙ୍କ ପ୍ରତି ବିପଦଥିବା କୌଣସି ବ୍ୟକ୍ତି ତାଙ୍କ ସହ ଯୋଗାଯୋଗ କରିବାକୁ ଅନୁମତି ନ ପାଆନ୍ତି।
- ପୀଡିତାଙ୍କ ପାଇଁ ଉଦ୍ଦିଷ୍ଟ ମୌଳିକ ସୁବିଧା ଯୋଗାଇ ଦିଅନ୍ତୁ, ଯେପରିକି ଜଳ, ଶୌଚାଳୟ ସୁବିଧା, ଖାଦ୍ୟ, First aid ଇତ୍ୟାଦି।
- ଯଦି ପୀଡିତା ଆକ୍ରମଣାତ୍ମକ ହୁଅନ୍ତି, ତେବେ ଧର୍ଯ୍ୟ ଏବଂ ଅଣ - ନିର୍ଣ୍ଣାୟତ୍ମକ ମନୋଭାବର ସହ ସେମାନଙ୍କ ସହିତ କଥାବାର୍ତ୍ତା କରନ୍ତୁ।
- ଜଣାଶୁଣା କିମ୍ବା ଅଜ୍ଞାତ ଅପରାଧ ଆଧାରରେ, ଏଫ୍‌ଆଇଆର ପଞ୍ଜୀକୃତ କରିବା କିମ୍ବା ଦୈନିକ ଡାଏରୀରେ ଉଲ୍ଲେଖ ନିମନ୍ତେ ଏକ ମୌଖିକ କିମ୍ବା ଅଣ- ମୌଖିକ ଅଭିଯୋଗ ନେଇ ଆସିଥିବା ପୀଡ଼ିତାଙ୍କୁ ସାହାଯ୍ୟ କରନ୍ତୁ। ଯୋଗାଇ ଦିଆଯିବାକୁ ଥିବା ଷ୍ଟେସନାରୀ ସହିତ ସମସ୍ତ ସମ୍ଭାବ୍ୟ ସହାୟତା ପ୍ରଦାନ କରାଯିବ।
- ଯଦି ପୀଡିତା ଏପରି ଅବସ୍ଥାରେ ଆସିଛନ୍ତି ଯେତେବେଳେ କି ତାଙ୍କୁ ଚିକିତ୍ସା ଆବଶ୍ୟକ, ତେବେ ବିଳମ୍ବ ନକରି ସେହି ବ୍ୟବସ୍ଥା ଯୋଗାଇ ଦେବାକୁ ସୁନିଶ୍ଚିତ କରନ୍ତୁ। କେବଳ ଏହାପରେ ଆବଶ୍ୟକ ଅନୁସନ୍ଧାନ ଏବଂ ଡକ୍ୟୁମେଂଟେସନ୍ (ନଥିକରଣ) ଆରମ୍ଭ ହେବା ଉଚିତ୍।
- ଯଦି ପୀଡିତାଙ୍କ ବିରୁଦ୍ଧରେ ହୋଇଥିବା କୌଣସି ଅପରାଧ ଅନ୍ୟ ଏକ ଥାନା ଅଧିନରେ ଘଟିଛି, ତେବେ ଏକ ଶୂନ୍ୟ ଏଫ୍‌ଆଇଆର୍ ପଞ୍ଜୀକୃତ ହୋଇପାରିବ ଏବଂ କାର୍ଯ୍ୟାନୁଷ୍ଠାନ ପାଇଁ ସଂପୃକ୍ତ ପୋଲିସ୍ ଷ୍ଟେସନକୁ ପଠାଯାଇପାରିବ।
- ଅନୁସନ୍ଧାନ ସମୟରେ ପ୍ରତ୍ୟେକ ପଦକ୍ଷେପରେ, ପୀଡିତାଙ୍କ ଗୋପନୀୟତା ସମ୍ପର୍କରେ ଯତ୍ନଶୀଳ ହୁଅନ୍ତୁ। ତାଙ୍କ ନାମ, ପରିଚୟ ଇତ୍ୟାଦି ସର୍ବସାଧାରଣରେ ଆଲୋଚନା ନକରିବାପାଇଁ ସାବଧାନତା ଅବଲମ୍ବନ କରନ୍ତୁ।
- ଯଦି ପୀଡିତା ସେମାନଙ୍କ ବାସଭବନକୁ ଫେରିବା ସମ୍ଭବ ନୁହେଁ କିମ୍ବା ନିରାପଦ ନୁହେଁ, ତେବେ ସେମାନଙ୍କୁ ସ୍ୱଳ୍ପ ସମୟ ପାଇଁ ଜିଲ୍ଲାର ଏକ ଓ୍ୱାନଷ୍ଟପ୍ ସେଣ୍ଟର୍ / ଆଶ୍ରୟଗୃହକୁ ପଠାଇବାକୁ ନିଶ୍ଚିତ କରନ୍ତୁ। ଯଦି ପୀଡିତ ଶିଶୁ ହୋଇଥାନ୍ତି, ତୁରନ୍ତ ତାଙ୍କୁ ଶିଶୁ କଲ୍ୟାଣ ସମିତି ନିକଟରେ ଉପସ୍ଥାପନ କରନ୍ତୁ।
- ତାଙ୍କ ଅଭିଯୋଗ ଅନୁଯାୟୀ ଅନୁସନ୍ଧାନ କିମ୍ବା ଅନୁସନ୍ଧାନରେ ନିଆଯାଇଥିବା କାର୍ଯ୍ୟ ଉପରେ ପୀଡିତାଙ୍କୁ ଅପଡେଟ୍ / ସଦ୍ୟତମ ସୂଚନା ପ୍ରଦାନ ଜାରି ରଖନ୍ତୁ।

**ଉପସଂହାର:**

ମହିଳା ଓ ଶିଶୁ ଡେସ୍କ ଅଧିକାରୀମାନେ ସେମାନଙ୍କର କର୍ତ୍ତବ୍ୟ ଏବଂ ଦାୟିତ୍ୱକୁ ଭାଲଭାବରେ ବୁଝିବା ଉଚିତ୍‌ଏବଂ ଉପରୋକ୍ତ ଧାର୍ଯ୍ୟ ଲକ୍ଷଗୁଡିକ ପୂରଣ କରିବାପାଇଁ ଆଚରଣବିଧି ପାଳନ କରିବା ଉଚିତ୍। ମହିଳା ଓ ଶିଶୁଙ୍କ ଉପରେ ହେଉଥିବା ଅପରାଧର ଅନୁସନ୍ଧାନ ମାର୍ଗଦର୍ଶିକା ମହିଳା ଓ ଶିଶୁଡେସ୍କ ଅଧିକାରୀଙ୍କ ପାଇଁ ଏକ ସହାୟକ ପୁସ୍ତିକା ଅଟେ। ପିଡୀତମାନଙ୍କୁ ଏହି ପ୍ରକ୍ରିୟା ଗୁଡିକୁ ବ୍ୟାଖ୍ୟା କରାଯିବା ଉଚିତ୍ ଏବଂ ସେମାନଙ୍କ ସମ୍ବନ୍ଧୀୟ ଅନୁସନ୍ଧାନ/ ତଦନ୍ତର ପ୍ରତ୍ୟୋକ ପର୍ଯ୍ୟାୟରେ ସେମାନଙ୍କୁ ସମସ୍ତ ସମ୍ଭାବ୍ୟ ସହାୟତା ପ୍ରଦାନ କରାଯିବା ଉଚିତ୍।

# ଏବେ ଆଗକୁ କ'ଣ ?


FIR
ନିଃଶୁଳ୍କ ପ୍ରାପ୍ତି
ନିଃଶୁଳ୍କ ଡାକ୍ତରୀ ଉପଚାର
ପୀଡିତ କ୍ଷତିପୂରଣ
ସରକାରୀଓକିଲ ଦ୍ୱାରା ନିଃଶୁଳ୍କ ସହାୟତା
ଅଦାଲତରେ ଅନୁସନ୍ଧାନର ଫଳାଫଳ ଦାଖଲ
ଅଦାଲତର ରାୟ ଏବଂ ପୁନର୍ବାସ
ନ୍ୟାୟ

# ଘରୋଇ ହିଂସାରେ ପୀଡ଼ିତ ମହିଳାମାନଙ୍କ ପାଇଁ ଆଗକୁ କ'ଣ ?



ମୋ ପାଇଁ କଣ ?

ଭରଣ ପୋଷଣ

ପରିବାର ଅଦାଲତ

ମାଗଣା ଆଇନ ସହାୟତା

ଜିଲ୍ଲା ଆଇନ ସହାୟତାକେନ୍ଦ୍ର

୧) ଅଭିଯୋଗ ଉପରେ ପ୍ରଥମେ କାଉନ୍‌ସିଲିଂ କରିବେ
୨) ଅଧର୍ତ୍ତବ୍ୟ ଅପରାଧ ହୋଇଥିଲଲେ ଯଥାଯଥ ଫୋରମ୍‌ରେ ସହାୟତା ପାଇଁ ପରାମର୍ଶ
୩) ଯଦି ଅଭିଯୋଗ ଧର୍ତ୍ତବ୍ୟ ଅପରାଧ ହୋଇଥାଏ, ପ୍ରଯୁଜ୍ୟ ଦଫାରେ ଏତଲା ପଞ୍ଜିକରଣ

ପୀଡ଼ିତା ଚାହିଁଲେ ଛାଡ଼ପତ୍ର ପାଇଁ ଆବେଦନ କରିପାରିବେ

ପରିବାର ଅଦାଲତରେ ନିଜସ୍ୱ ଓକିଲ

ସମ୍ପତ୍ତିରେ ଭାଗ

୬ ବର୍ଷ ବୟସର ପିଲାମାନଙ୍କୁ ନିଜ ହେପାଜତରେ ରଖିବା

ୱାନଷ୍ଟପ କେନ୍ଦ୍ର ( 5 ଦିନ ମଧ୍ୟରେ)

ଆଶ୍ରୟଗୃହ (5 ଦିନରୁ ଅଧିକ ହେଲେ)

ଅସ୍ଥାୟୀ ବାସସ୍ଥାନ ବ୍ୟବସ୍ଥା / ପରାମର୍ଶ


***ବିଶେଷ ସୂଚନା :*** *ଯଦି ପୀଡିତା ଚାହାନ୍ତି ତେବେ ଅପରାଧ ପଂଜିକୃତ କରିବା ସହିତ କାର୍ଯ୍ୟବିଧି ସଂହିତା (CrPC) ଧାରା **125** ଅନୁଯାୟୀ ଭରଣପୋଷଣ ପାଇଁ ଆବେଦନ କରି ପାରିବେ । ଏହା ସହିତ ଘରୋଇ ହିଂସା ଅଧିନିୟମ ଅନୁଯାୟୀ ମଧ ପଦକ୍ଷେପ ନେଇପାରିବେ।*

# ମହିଳା ମାନଙ୍କୁ ଘରୋଇ ହିଂସାରୁ ସୁରକ୍ଷା ଆଇନ ଅନୁସାରେ ମୋତେ କ'ଣ ସହାୟତା ମିଳିପାରିବ ?



## କେଉଁଠି ଅଭିଯୋଗ କରିବେ

ଜିଲ୍ଲା ସମାଜ ମଙ୍ଗଳ ଅଫିସ୍‌ରେ ଥିବା ପ୍ରୋଟେକ୍‌ସନ ଅଫିସର, ବେସରକାରୀ ଓକିଲ, ଆଇନ ସେବା ପ୍ରାଧିକରଣ, ସ୍ଥାନୀୟ ଏନ୍‌ଜିଓ

- ଆର୍ଥିକ ସହାୟତା ଏବଂ ଚଳିବା ନିମନ୍ତେ ଧନରାଶି
- ପୀଡିତା ଯେଉଁ ସ୍ଥାନରେ ରହୁଛନ୍ତି ସେହି ସ୍ଥାନରେ ସେ ରହିପାରିବେ
- ସୁରକ୍ଷାର ଆଦେଶ ( ଅପରାଧୀକୁ ଘରେ କିମ୍ବା ଘର ବାହାରେ ହିଂସା ନକରିବା ପାଇଁ ଆଦେଶ )
-  ପିଲାମାନଙ୍କୁ ନିଜପାଖରେ ଅସ୍ଥାୟୀ ଭାବରେ ରଖିବାକୁ ଆଦେଶ
- କ୍ଷତିପୂରଣ
- ପରାମର୍ଶ (ଧାରା 14)

*ବିଶେଷ ସୂଚନା : ଯଦି ପୀଡିତା ଚାହାନ୍ତି ତେବେ ଅପରାଧ ପଂଜିକୃତ କରିବା ସହିତ କାର୍ଯ୍ୟବିଧି ସଂହିତା (CrPC) ଧାରା **125** ଅନୁଯାୟୀ ଭରଣପୋଷଣ ପାଇଁ ଆବେଦନ କରିପାରିବେ। ଏହାସହିତ ଘରୋଇ ହିଂସା ଅଧିନିୟମ ଅନୁଯାୟୀ ମଧ୍ୟ ପଦକ୍ଷେପ ନେଇପାରିବେ।*

*ଭାରତୀୟ ସମ୍ବିଧାନ ଧାରା ୧୪-୨୩ ଅନୁସାରେ ମହିଳା ମାନଙ୍କର ମଧ୍ୟ ସମାନ ଅଧିକାର ରହିଛି।*

# ଘରୋଇ ହିଂସାରୁ ସୁରକ୍ଷା ଆଇନ(D.V. Act) ଅନୁଯାୟୀ ପୀଡିତାଙ୍କ ପାଇଁ ଥିବା ସହାୟକ ବ୍ୟବସ୍ଥା

**ଧାରା14 ସୁରକ୍ଷାଆଦେଶ**

୧. ପାରିବାରିକ ହିଂସାକୁ ରୋକିବା
୨. ଘରୋଇ ହିଂସା ପ୍ରସାର ରୋକିବା ଓ ସହାୟତା
୩. କର୍ମକ୍ଷେତ୍ର / ବିଦ୍ୟାଳୟ / ଅନ୍ୟାନ୍ୟ ସ୍ଥାନରେ ଶୋଷଣକାରୀଙ୍କ ଶୋଷଣର ପ୍ରତିବନ୍ଧକ
୪. ବ୍ୟାଙ୍କଲକର ଏବଂ ମିଳିତ ଆକାଉଣ୍ଟର କାର୍ଯ୍ୟ ବନ୍ଦକରିବା
୬. ଶୋଷଣକାରୀଙ୍କୁ ସ୍ତ୍ରୀ ଧନ କିମ୍ବା ଅନ୍ୟାନ୍ୟ ସମ୍ପତ୍ତି ଅଧିକାରରୁ ନିବୃତ୍ତକରିବା

**ଧାରା19 ଆବାସର ଆଦେଶ**

୧. ଅଂଶୀଦାର ପରିବାରରୁ ଅଭିଯୁକ୍ତ ହଟାଇବା ପାଇଁ ନିର୍ଦ୍ଦେଶ
୨. ଅଭିଯୁକ୍ତ ଓ ଅନ୍ୟ ସମ୍ପର୍କୀୟଙ୍କୁ ପୀଡ଼ିତା ରହୁଥିବା ନିବାସର କୌଣସି ଅଂଶରେ ପ୍ରବେଶ କରିବାକୁ ବାରଣ କରାଯାଇଛି
୩. ଘରବିକ୍ରୟ କରିବାରୁ ନିବୃତ୍ତ କରିବା
୪. ମହିଳା ରହୁଥିବା ଘରୁ ମହିଳାଙ୍କୁ ବାହାର କରାଯାଇପାରିବ ନାହିଁ ନଚେତ ଅନ୍ୟ ସ୍ଥାନରେ ରଖିବାର ବ୍ୟବସ୍ଥା କରାଇବେ

**ଧାରା20 ଆର୍ଥିକ ସହାୟତା ଏବଂ ଜୀବନଯାପନ ନିର୍ବାହଧନରାଶି**

୧. ଘରୋଇ ହିଂସା ଯୋଗୁଁ ରୋଜଗାର, ହ୍ରାସ ନିଜ ପାଇଁ ବା ପିଲାମାନଙ୍କ ପାଇଁ ହେଉଥିବା ଖର୍ଚ୍ଚ , ଶିକ୍ଷା ନିମନ୍ତେ କରାଯାଇଥିବା ବ୍ୟୟ, ସମ୍ପତ୍ତିରେ ହାନି ଚିକିତ୍ସା ଖର୍ଚ୍ଚ ଇତ୍ୟାଦି ପାଇଁ ସହାୟତା ଦାବୀ
୨. ପର୍ଯ୍ୟାପ୍ତ ଓ ଯୁକ୍ତିଯୁକ୍ତ ଆର୍ଥିକ ସହାୟତା

**ଧାରା 21 ହେପାଜତର ଆଦେଶ**

୧. ଶିଶୁର ଅସ୍ଥାୟୀ ହେପାଜତ ପାଇଁ ଆଦେଶ

**ଧାରା 22 କ୍ଷତିପୂରଣ**

୧. ମାନସିକ ଯାତନା ଏବଂ ଭାବନାତ୍ମକ କଷ୍ଟ ନିମନ୍ତେ ମହିଳା ଚାହିଁଲେ କ୍ଷତିପୂରଣ ମାଗିପାରିବେ





**ଓଡିଶା ପୁଲିସ ଆପଣଙ୍କ ସହିତ**

# ଯୌତୁକ ନିର୍ଯାତନା ପାଇଁ ଧାରା 498A ପ୍ରକରଣରେ ଆଗକୁ କ'ଣ ?




1. F.I. R
2. ଆବଶ୍ୟକତା ଅନୁସାରେ ଡାକ୍ତରୀ ଚିକିତ୍ସାର ବ୍ୟବସ୍ଥା
3. ବୟାନ ଲିପିବଦ୍ଧ
4. ସାକ୍ଷୀମାନଙ୍କ ଚିଠା, ବାହାଘରର ପ୍ରମାଣପତ୍ର, ପ୍ରତାଡନାର ପ୍ରମାଣ
5. ଆରୋପିମାନଙ୍କୁ ନୋଟିସ କିମ୍ବା କୋର୍ଟ ଚାଲାଣ
6. ପ୍ରଯୁଜ୍ୟ ଦଫାରେ କୋର୍ଟ ଚାଲାଣ
7. ସରକାରୀ ଓକିଲଙ୍କ ଦ୍ୱାରା ନିଃଶୁଳ୍କ ଓକିଲାତି
8. ଅଦାଲତରେ ବିଚାର

*ବିଶେଷ ସୂଚନା : ଏହା ବ୍ୟତୀତ ପରିବାର ଅଦାଲତରେ ବିବାହ ବିଚ୍ଛେଦ , ଭରଣ ପୋଷଣ, ନ୍ୟାୟାଳୟର ଆଦେଶ ବିରୋଧରେ ଉଚ୍ଚନ୍ୟାୟାଳୟରେ ଆବେଦନ କରିପାରିବେ।*

# ମୋର ଝିଅ / ଭଉଣୀର ବିବାହ ପରେ ଅସ୍ୱାଭାବିକ ମୃତ୍ୟୁ ପରିପ୍ରେକ୍ଷୀରେ ଆଗକୁ କ'ଣ ?






* ବି.ଦ୍ର. : ବିବାହର 7 ବର୍ଷ ମଧ୍ୟରେ ଅସ୍ୱାଭାବିକ ମୃତ୍ୟୁ ହୋଇଥିଲେ Executive  Magistrateଙ୍କ ଉପସ୍ଥିତିରେ ଶବର ପଞ୍ଚନାମା ଓ ଏକ ଡାକ୍ତରୀ ଦଳ (2 ରୁ ଅଧିକ)ଙ୍କ ଦ୍ୱାରା Post Mortem କରାଯିବ ।

# 306 / 304 (B) ଭାରତୀୟ ଦଣ୍ଡବିଧି ଆଇନ ସମ୍ବନ୍ଧରେ ପୋଲିସକୁ ଆପଣଙ୍କ ସହଯୋଗ



୧. ବାହାଘରର ପ୍ରମାଣ ଯେମିତି ବାହାଘର ନିମନ୍ତ୍ରଣ ପତ୍ର /ଫଟୋଗ୍ରାଫ ଆଦି ପ୍ରସ୍ତୁତ ରଖନ୍ତୁ।

୨. ଯୌତୁକ ମାଗିବାର ପ୍ରମାଣ ଯେମିତି କଥାବାର୍ତ୍ତାର ରେକର୍ଡିଙ୍ଗ, ଚିଠି, ଇ-ମେଲ, ଅଥବା କୌଣସି ସାକ୍ଷୀ ପ୍ରସ୍ତୁତ ରଖନ୍ତୁ।

୩. ପ୍ରତାଡନାର ପ୍ରମାଣ ଯେମିତି ମେଡିକାଲ ରିପୋର୍ଟ /ପୂର୍ବରୁ ପୋଲିସରେ ଦିଆଯାଇଥିବା ଅଭିଯୋଗର ରିପୋର୍ଟ/ ପୂର୍ବରୁ କରାଯାଇଥିବା କୌଣସି କାଉନସେଲିଂର ରିପୋର୍ଟ କିମ୍ବା ଯଦି କୌଣସି ସାକ୍ଷୀ ଅଛନ୍ତି ତାଙ୍କର ସମ୍ପୂର୍ଣ୍ଣ ବିବରଣୀ ଦାଖଲ କରନ୍ତୁ।

୪. ଅନ୍ୟ ପ୍ରତାଡନା ପ୍ରମାଣ - ଇ-ମେଲ / ଫୋଟୋ ଗ୍ରାଫ /ସ୍କ୍ରିନଶଟ ଆଦି ସୁରକ୍ଷିତ ରଖନ୍ତୁ ଏବଂ ପୋଲିସ ମାଗିବା ବେଳେ ଦିଅନ୍ତୁ।

୫. ଯଦି ଆତ୍ମହତ୍ୟା କରିଛନ୍ତି ତେବେ ଆତ୍ମହତ୍ୟାର ପୂର୍ବରୁ କରାଯାଇଥିବା ନିର୍ଯ୍ୟାତନାର ପ୍ରମାଣ ଯଦି ଅଛି ତେବେ ପ୍ରସ୍ତୁତ ରଖିଥାନ୍ତୁ।

୬. ଆଖପାଖରେ ଥିବା ପଡ଼ୋଶୀମାନେ ଯଦି କିଛି ଦେଖିଛନ୍ତି କି ଶୁଣିଛନ୍ତି ତେବେ ସେମାନଙ୍କ ବିଷୟରେ ପୋଲିସ୍‌ଙ୍କୁ ଜଣାନ୍ତୁ ।



**ଓଡିଶା ପୁଲିସ ଆପଣଙ୍କ ସହିତ**

# ନାବାଳିକା ଦ୍ୱାରା ରୁଜୁ କରାଯାଇଥିବା ଦୁଷ୍କର୍ମ ମାମଲା ସମ୍ବନ୍ଧରେ ଆଗକୁ କ'ଣ କରିବେ ?




**<u>ବିଶେଷ ଦ୍ରଷ୍ଟବ୍ୟ</u>** ୧. ଆରୋପୀ ପରିବାରର ହୋଇଥିଲେ ପିଡୀତା କୌଣସି ଶିଶୁ ଯତ୍ନ ସଂସ୍ଥାରେ ରହିବା ବ୍ୟବସ୍ଥା (ପକସୋ ରୁଲ୍ 2020- 4 (4)

୨ ଆବଶ୍ୟକ ଅନୁସାରେ ସହାୟକ ବ୍ୟକ୍ତି ଉପଲବ୍ଧ କରିବା (ପକସୋ ରୁଲ୍ 2020 - 4 ( 8-11)

୩ ଆବଶ୍ୟକ ଅନୁସାରେ ଖାଦ୍ୟ, ବସ୍ତ୍ର, ଏବଂ ଯାତ୍ରାର ବ୍ୟବସ୍ଥା ( ପକସୋ ରୁଲ୍ 2020 - ୫ )

୪ ମଧ୍ୟବର୍ତ୍ତି କାଳୀନ / ଅନ୍ତିମ କ୍ଷତିପୂରଣ ( ପକସୋ ରୁଲ୍ 2020 - 9 )


୫. ନାବାଳିକାଙ୍କ ପରିଚୟକୁ ଗୋପନୀୟ ରଖାଯିବ

# ମହିଳାଦ୍ୱାରା ରୁଜୁ କରାଯାଇଥିବା ଦୁଷ୍କର୍ମ ମାମଲାରେ ଆଗକୁ କ'ଣ ?



# ଦୁଷ୍କର୍ମ ପୀଡିତା ଗର୍ଭବତୀ ହେବା କ୍ଷେତ୍ରରେ କ'ଣ କରିବେ ?






<u>ବିଶେଷ ଦ୍ରଷ୍ଟବ୍ୟ</u>: ଗର୍ଭଧାରଣ 24 ସପ୍ତାହରୁ ଅଧିକ ହେଲେ ରାଜ୍ୟ ମେଡିକାଲ ବୋର୍ଡର ଅନୁମୋଦନ ଆବଶ୍ୟକ




# ମୋତେ କିଏ ହଇରାଣ ହରକତ କଲେ ଆଗକୁ କ'ଣ ?

## ହଇରାଣ ହରକତର ପ୍ରକାର

- ବାରମ୍ବାର ଫୋନ, ମେସେଜ, ଇ-ମେଲ ଇତ୍ୟାଦି କରିବା
- ରାସ୍ତାରେ ପିଛା କରିବା
- ଅଶ୍ଳୀଳ ଇଙ୍ଗିତ କରିବା
- ଖରାପ ଉଦ୍ଦେଶ୍ୟ ରଖି ଲୁଗାପଟା ଟଣା ଓଟରା କରିବା, ନିବସ୍ତ୍ର କରିବା
- ଶରୀରକୁ ଛୁଇଁବା / ଅଶ୍ଳୀଳ କାର୍ଯ୍ୟ
- ଅଶ୍ଳୀଳ ସାହିତ୍ୟ ପଠାଇବା/ ଦେଖାଇବା



- ଯୌନ ସମ୍ବନ୍ଧ ପାଇଁ ଇଙ୍ଗିତ ଦେଖାଇବା
- ସମ୍ମତି ବିନା ଅଶ୍ଳୀଳ ଫୋଟୋ /ଭିଡ଼ିଓ ଭାଇରଲ କରିବା ( ଯଦିବି ସ୍ୱଇଚ୍ଛାରେ ନିର୍ମିତ ହୋଇଅଛି )
- କୌଣସି ମହିଳାଙ୍କୁ ଗାଧୁଆ ଘର, ଲୁଗା ବଦଳାଇବା ଘର, ସେମାନଙ୍କ ଅଜାଣତ / ସହମତି ବିନା ଦେଖିବା/ ରେକର୍ଡ କରିବା



1. ମହିଳା ଅଧିକାରୀ ଦ୍ୱାରା ତୁରନ୍ତ ଏଫ.ଆଇ. ଆର, ଏହାର ଏକକିତା ନକଲ ନିଃଶୁଳ୍କ ପ୍ରାପ୍ତି
2. ପୋଲିସ ନିକଟରେ ବୟାନ, ସାକ୍ଷୀଙ୍କ ବୟାନ, ନ୍ୟାୟାଳୟରେ ବୟାନ



3. ମୋବାଇଲ / ଲାପଟପ/ ସିସିଟିଭି ଯଦି ଥାଏ ପ୍ରମାଣ ପାଇଁ ଦାଖଲ
4. ଆରୋପିର ଗିରଫଦାରୀ
5. କୋର୍ଟ ଚାଲାଣ



6. ସରକାରୀ ଓକିଲଙ୍କ ଦ୍ୱାରା ନିଃଶୁଳ୍କ ଓକିଲାତି
7. ଅଦାଲତର ରାୟ



# ମୋ ଦ୍ୱାରା ଦାଖଲ ହୋଇଥିବା ସାଇବର ଅପରାଧ ମାମଲାରେ ଆଗକୁ କ'ଣ ହେବ ?

## ସାଇବର ଅପରାଧର ପ୍ରକାର




- ମହିଳାଙ୍କ ଅନ୍ତରଙ୍ଗ ମୂହୁର୍ତ୍ତର ଫୋଟୋ ଉଠାଇବା, ପ୍ରସାର କରିବା
- ଅନଲାଇନରେ ପିଛା କରିବା
- ମହିଳାଙ୍କ ଫୋଟୋ ବ୍ୟବାରକରି ନକଲି ପ୍ରୋଫାଇଲ କରିବା
- ଭିଡ଼ିଓକଲ କରି ଯୌନ ଉତ୍ପୀଡ଼ନ କରିବା
- ଅଶ୍ଳୀଳ ଫୋଟୋ/ ଭିଡ଼ିଓ ଭାଇରଲ (ପ୍ରସାର ) କରିବା
- ମାଟ୍ରିମନିଏଲ ୱେବ୍‌ସାଇଟ ମାଧ୍ୟମରେ ବିତ୍ତୀୟ ଠକାମୀ
- ଅଶ୍ଳୀଳ ୱେବସାଇଟରେ ଏସବୁ ସମ୍ବନ୍ଧିତ ବିଷୟ ପ୍ରାସାଲ କରିବା

ଏଫ.ଆଇ. ଆର, ର ନିଃଶୁଳ୍କ ପ୍ରାପ୍ତି

### ବୟାନ ପ୍ରଦାନ

ନାବାଳିକା ଅଭିଯୋଗ କାରୀ

- ମହିଳା ପୋଲିସ ଦ୍ୱାରା
- ସାଧା ପୋଷକରେ ମନପସନ୍ଦର ସ୍ଥାନରେ
- ବନ୍ଧୁ ବାନ୍ଧବଙ୍କ ଉପସ୍ଥିତିରେ ଭିଡିଓ ଗ୍ରାଫୀ





ନ୍ୟାୟାଳୟରେ ବୟାନ ପ୍ରଦାନ



### ସାକ୍ଷୀ ଯୋଗାଡ କରିବା ଏବଂ ଜବତ


1) ଉପକରଣ ଯେଉଁଥିରେ ବିବାଦିତ ବିଷୟ ରହିଛି (ମୋବାଇଲ / ଲାପ୍‌ଟପ ଇତ୍ୟାଦି)
2) ଅଶ୍ଳୀଳ ବିଷୟର ସଫ୍ଟକପି, URL ସହିତ ( mms / ଫୋଟୋ / ଭିଡ଼ିଓ )
3) ଧାରା 65(ବି), ସାକ୍ଷ୍ୟ ଅଧିନିୟମ ଅନୁସାରେ ପ୍ରମାଣ
4)ନକଲି ପ୍ରୋଫାଇଲ / ସମ୍ବନ୍ଧିତ ୱେବସାଇଟକୁ ବ୍ଲକ କରାଇବା ଏବଂ ସେ ବିଷୟରେ ଅଧିକ ସୂଚନା ହାସଲ କରିବା

ଆଇନ ସହାୟତା (DLSA ) ଦ୍ୱାରା

ଗିରଫଦାରୀ



ଆରୋପ ପତ୍ର






ଜବତ ହୋଇଥିବା ଦସ୍ତାବିଜର ନିଃଶୁଳ୍କ ପ୍ରାପ୍ତି



ଅନୁସନ୍ଧାନର ଅନ୍ତିମ ଫଳାଫଳ ଅଦାଲତରେ ଦାଖଲ ଓ ପିଡୀତାଙ୍କୁ ସୂଚନା



ସରକାରୀ ଓକିଲଙ୍କ ଦ୍ୱାରା ନିଃଶୁଳ୍କ ଓକିଲାତି




ଅଦାଲତର ରାୟ

# ଶିଶୁର ଅପହରଣ ହେଲେ କ'ଣ ହେବ ?





# ମାନବ ଚାଲାଣ ମାମଲାରେ ପୀଡିତାଙ୍କ ପାଇଁ ଆଗକୁ କ'ଣ ?





# ମାନବ ଚାଲାଣ ମାମଲାରେ ପୀଡିତ ଶିଶୁଙ୍କ ପାଇଁ ଆଗକୁ କ'ଣ ?




ମୋ ଉପରେ ଏସିଡ ଆକ୍ରମଣରେ ଆଗକୁ କ' ଣ ?
ଏଫ.ଆଇ. ଆର ନିଃଶୁଳ୍କ ପ୍ରାପ୍ତି
ଆକ୍ରମଣ ଗମ୍ଭୀର ଥିଲେ ମୃତ୍ୟୁକାଳୀନ ଜମାନବନ୍ଦୀ ଏବଂ ଏଫ.ଆଇ. ଆର
ନିଃଶୁଳ୍କ ଚିକିତ୍ସା
ଘଟଣାସ୍ଥଳ ଏବଂ କ୍ଷତର ଫୋଟୋଗ୍ରାଫି, ଫୋରେସନସିକ ଯାଞ୍ଚ
ବସ୍ତ୍ର ଓ ଅନ୍ୟ ଜିନିଷ ଜବତ। ପରୀକ୍ଷା ପାଇଁ ଫୋରେନ୍‌ସିକ୍ ଲାବ ପ୍ରେରଣ
ନିଃଶୁଳ୍କ ଆଇନ ସହାୟତା, ୧୫ ଦିନ ମଧ୍ୟରେ ଆର୍ଥିକ ସହାୟତା DLSA
ନ୍ୟାୟାଳୟରେ ବୟାନ ରେକର୍ଡ (164 CrPC )
ଅନୁସନ୍ଧାନ ଏବଂ ସାକ୍ଷ୍ୟ ସଂଗ୍ରହ
ଆରୋପିର ଗିରଫଦାରୀ
ଜବତ ଦସ୍ତାବିଜର ନିଃଶୁଳ୍କ ପ୍ରାପ୍ତି ଓ ଅନୁସନ୍ଧାନ ଫଳାଫଳର ରିପୋର୍ଟ ଦାଖଲ
ପୀଡିତ ଓ ସାକ୍ଷୀଙ୍କ ସୁରକ୍ଷା
ସରକାରୀ ଓକିଲଙ୍କ ଦ୍ଵାରା ନିଃଶୁଳ୍କ ଓକିଲାତି
ସାକ୍ଷୀଙ୍କ ସୁରକ୍ଷା
ଅଦାଲତର ରାୟ
ଅନ୍ତିମ କ୍ଷତିପୂରଣ ରାଶି ଏବଂ ଅନ୍ୟାନ୍ୟ ଜୋରିମାନା
ନ୍ୟାୟାଳୟ ଆଦେଶ ପିଡୀତାଙ୍କ ବିପକ୍ଷରେ ହୋଇଥିଲେ ସରକାରଙ୍କ ଅପିଲ
ପୀଡିତା ନିଜେ ବି ଅପିଲ କରିପାରିବେ



# ବାଲ୍ୟ ବିବାହ ପରିସ୍ଥିତିରେ କ'ଣ କରିବେ ?



କୌଣସି ସ୍ଥାନରେ
ବାଲ୍ୟ ବିବାହର
ସୂଚନା ମିଳିଲେ



ପୋଲସ୍ ଟିମ୍ ତୁରନ୍ତ
ବାଲ୍ୟ ବିବାହ ନିରୋଧ
ଅଧିକାରୀଙ୍କୁ (ସି.ଏମ୍.ପି.ଓ)
ଅବଗତ କରାଇବା ସହ
ଏଫ୍.ଆଇ.ଆର.
କରାଇବେ

ସି.ଏମ୍.ପି.ଓ ଙ୍କ ରିପୋର୍ଟ
ଉପରେ ନ୍ୟାୟିକ କିମ୍ବା
ଜିଲ୍ଲା ମାଜିଷ୍ଟ୍ରେଟ୍ ପି.ସି.ଏମ୍.ଏ.
୧୩ ଧାରା ଅନୁସାରେ ବାଲ୍ୟ ବିବାହ
ରୋକିବା ପାଇଁ ନିଷେଧାଜ୍ଞା
ରିପୋର୍ଟ ଜାରି କରିବେ



ମହିଳା ପୋଲିସ
ଅଧିକାରୀ ସାଧା
ପୋଷାକରେ ପୀଡ଼ିତାଙ୍କୁ
ଉଦ୍ଧାର କରିବେ

ଶିଶୁ ମଙ୍ଗଳ ସମିତିରେ
୨୪ ଘଣ୍ଟା ମଧ୍ୟରେ
ବାଲ୍ୟବିବାହ ନିରୋଧ ଅଧିକାରୀ
ଓ ଅନ୍ୟ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ
ହାଜର କରାଇବେ



ପ୍ରମାଣ ବଳରେ
ଅପରାଧୀଙ୍କୁ
ଗିରଫ ଓ
କୋର୍ଟ ଚାଲାଣ


କିଶୋର ନ୍ୟାୟ
(ଯତ୍ନ ଓ ସୁରକ୍ଷା)
ଆଇନ ଅନୁସାରେ ଶିଶୁ ମଙ୍ଗଳ ସମିତି ବାଲ୍ୟ ବିବାହରୁ
ଉଦ୍ଧାର ହୋଇଥିବା ପିଲାମାନଙ୍କ ପାଇଁ କାଉନ୍ସେଲିଂ,
ଆବଶ୍ୟକସ୍ଥଳେ ଡାକ୍ତରୀ ଓ ଆଇନ ସହାୟତା
ଏବଂ ପିଲାର ବୃହତ୍ତର ସ୍ୱାର୍ଥକୁ ଦେଖି
ପୁନର୍ବାସ ନିର୍ଦ୍ଦେଶ ଦେବେ



ନ୍ୟାୟ ପ୍ରକ୍ରିୟା

# ମୁଁ ଯଦି ତନ୍ତ୍ର ମନ୍ତ୍ର ଜନିତ ଆକ୍ରମଣର ଶିକାର ହୁଏ ଆଗକୁ କ'ଣ ହେବ ?





# DIRECTORY FOR
# MAHILA & SISHU DESK

Police Station IIC' CUG-No Phone No.

| Designation | Name | Phone Number |
|---|---|---|
| District Magistrate / Collector | | |
| Superintendent of Police | | |
| Addl Superintendent of Police | | |
| IUCAW Head | | |
| IAHTU Head | | |
| Additional District Magistrate | | |
| Sub- Divisional Magistrate | | |
| Sub-Divisional Police Officer | | |
| Special Juvenile Police Unit head | | |
| Child Welfare Police Officer | | |
| District Child Protection Officer | | |
| Domestic Violence- Protection Officer | | |
| One Stop Centre | | |
| Short Stay Home | | |
| Children's Home | | |

| Designation | Name | Phone Number |
|---|---|---|
| Observation Home | | |
| Ujjawala Home | | |
| Swadhar Home | | |
| **Child Welfare Committee(CWC)** | | |
| CWC Chairperson | | |
| CWC (Woman Member) | | |
| CWC (Member) | | |
| **Juvenile Justice Board (JJB)** | | |
| JJB Principal Magistrate | | |
| JJB(Member woman) | | |
| JJB (Member) | | |
| Primary Health Centre | | |
| District Hospital - Chief Medical Health Officer | | |
| District Hospital Women Doctor | | |
| District Hospital Psychiatrist | | |

| Designation | Name | Phone Number |
|---|---|---|
| District Hospital Psychologist (Dis - trict Mental Health Program) | | |
| District Legal Services Authority | | |
| Special Public Prosecutor | | |
| Public Prosecutor | | |
| District Labour Officer | | |
| District Education Officer | | |
| Chief Development Officer / PD-DRDA | | |
| Counsellor specialising in disabilities | | |
| Special Educator | | |
| Translator | | |
| CHILDLINE | | |
| Other NGOs | | |
| Others | | |

Women and Child Development Department

unicef for every child

# CRIME AGAINST WOMEN AND CHILDREN WING
# BHUBANESWAR, ODISHA

Printed at Textbook Bureau, Bhubaneswar